**+3 Sem-III(NEP)**
**ODI-C-1(P-5)Major R**

**December,2025**

## ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ: ନବଜାଗରଣ ଓ ସତ୍ୟବାଦୀ ଧାରା

**ସମୟ -୩ ଘଣ୍ଟା          ପୂର୍ଣ୍ଣସଂଖ୍ୟା- ୧୦୦**

**ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ କରନ୍ତୁ ।**

### କ- ବିଭାଗ

ଠିକ୍ ଉତ୍ତର ଚୟନ କରି ଶୁନ୍ୟସ୍ଥାନ ପୂରଣ କର ଏବଂ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।  **(୧×୧୦=୧୦)**

୧ କ. କଟକ ମିଶନାରୀ ପ୍ରେସ _______ ମସିହାରେ ପ୍ରତିଷ୍ଠା ହୋଇଥିଲା I (୧୮୨୨, ୧୮୩୭, ୧୮୬୬, ୧୮୪୯ )

ଖ. ଇଁରେଜ ସରକାର ୧୮୩୫ ମସିହାରେ _______ ଠାରେ ଏକ ଇଂରାଜୀ ସ୍କୁଲ ପ୍ରତିଷ୍ଠା କରିଥିଲେ ।
(ପୁରୀ, ବାଲେଶ୍ୱର, କଟକ, ଖୋର୍ଦ୍ଧା )

ଗ. କଟକ ମିଶନ ପ୍ରେସରୁ______ ପତ୍ରିକା ପ୍ରଥମେ ପାଇଥିଲା ।
(ବ୍ରାହ୍ମପତ୍ରିକା, ଅରୁଣୋଦୟ, ପ୍ରବୋଧ ଚନ୍ଦ୍ରିକା, ଜ୍ଞାନାରୁଣ )

ଘ. 'ଭ୍ରମ ଭଞ୍ଜନ' କାବ୍ୟର ରଚୟିତା ହେଉଛନ୍ତି _________ ।
(ରାମଶଙ୍କର ରାୟ, ରାଧାନାଥ ରାୟ, ନନ୍ଦକିଶୋର ବଳ, ଜଗନ୍‌ମୋହନ ଲାଲ୍)

ଙ. 'ସମ୍ବଲପୁର ହିତୈଷିଣୀ'ର ପ୍ରଥମ ସଂପାଦକ ହେଉଛନ୍ତି _________।
( ନୀଳମଣି ବିଦ୍ୟାରତ୍ନ, ବାସୁଦେବ ସୁଢ଼ଳଦେବ, ଜଳନ୍ଧର ଦେବ, ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ )

ଚ . ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ 'ଜୀବନ ଚରିତ'କୁ___________ଓଡ଼ିଆରେ ଅନୁବାଦ କରିଥିଲେ ।
(ରାଧାନାଥ ରାୟ, ମଧୁସୂଦନ ରାଓ, ରାମଶଙ୍କର ରାୟ, ଫକୀର ମୋହନ ସେନାପତି )

ଛ. 'ସତୀ' ନାଟକର ନାଟ୍ୟକାର ହେଉଛନ୍ତି _______ ।
(ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୃପାସିଂଧୁ ମିଶ୍ର, ଜଗନ୍ମୋହନ ଲାଲ୍)

ଜ. ସତ୍ୟବାଦୀ ପତ୍ରିକାର ପ୍ରକାଶନ _________ମସିହାରେ ଆରମ୍ଭ ହୋଇଥିଲା I
(୧୯୧୯, ୧୯୨୭, ୧୯୧୪, ୧୯୦୩)

ଝ. 'ଦୈନିକ ଆଶା' ପ୍ରତିଷ୍ଠାତା ସଂପାଦକ ହେଉଛନ୍ତି ______ ।
( ବ୍ରଜସୁନ୍ଦର ଦାସ, ଗୋପବନ୍ଧୁ ଦାଶ, ନୀଳକଂଠ ଦାସ , ଶିଶିଭୂଷଣ ରଥ)

ଞ. ପଣ୍ଡିତ ନୀଳକଣ୍ଠ ଦାଶ ଟେନିସନ୍‌ଙ୍କ 'Princess' ଅବଲମ୍ବନରେ _______ ରଚନା କରିଥିଲେ ।
(ପ୍ରଣୟିନୀ, ଦାସ ନାଏକ, କୋଣାର୍କେ, ଖାରବେଳ)

### ଖ- ବିଭାଗ

**ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।(୫୦ଟି ଶବ୍ଦରେ)**  **(୨×୯=୧୮)**

୨. କ. ପ୍ରଥମ ଓଡ଼ିଆ ସାହିତ୍ୟ ପତ୍ରିକାର ନାମ କ'ଣ ଓ କେବେ ପ୍ରକାଶ ହୋଇଥିଲା ?

ଖ. ଓଡ଼ିଆ ପାଠ୍ୟ ପୁସ୍ତକ ଏବଂ କୋଷ ଓ ବ୍ୟାକରଣ ଗ୍ରନ୍ଥ ପ୍ରଣୟନ କରିଥିବା ମିସନାରୀ ପାଦ୍ରୀଙ୍କ ନାମ ଉଲ୍ଲେଖ କର ।

ଗ. ପ୍ରଥମ ଓଡିଆ ମୁଦ୍ରିତ ଗ୍ରନ୍ଥଗୁଡିକ କେଉଁଠାରୁ ପ୍ରକାଶ ପାଇଥିଲା ?

ଘ. ପ୍ୟାରିମୋହନ ଆଚାର୍ଯ୍ୟ କିଏ ଓ କାହିଁକି ଚିର ସ୍ମରଣୀୟ ?

ଙ. ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ମଧୁସୂଦନ ରାଓ ରଚନା କରିଥିବା ପୁସ୍ତକମାନଙ୍କ ନାମ ଉଲ୍ଲେଖ କର ।
ଚ. ଐତିହାସିକ ରାଜେନ୍ଦ୍ର ଲାଲ୍ ମିତ୍ରଙ୍କୁ କାହିଁକି ଓଡ଼ିଆମାନେ ସମାଲୋଚନା କରିଥିଲେ ?
ଛ. ଗୋପବନ୍ଧୁ ଦାସଙ୍କ ରଚନା ଗୁଡ଼ିକ ଉଲ୍ଲେଖ କର ।
ଜ. ଗୋଦାବରୀଶ ମିଶ୍ରଙ୍କ କଥା ସାହିତ୍ୟର ପରିଚୟ ପ୍ରଦାନ କର ।
ଝ. 'ବନ୍ଦେ ଉତ୍କଳ ଜନନୀ'ର କବି କିଏ ଏବଂ ତାଙ୍କର ଦୁଇଟି କୃତିର ନାମ ଲେଖ।

**ଗ- ବିଭାଗ**

**୮ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦରେ ପ୍ରଦାନ କର ।** **(୫×୮=୪୦)**

୩.

କ. 'ଇନ୍ଦ୍ରଧନୁ' ଓ 'ବିଜୁଳି' ବିବାଦ କେବେ ଓ କାହିଁକି ସୃଷ୍ଟି ହୋଇଥିଲା ଏବଂ ଓଡ଼ିଆ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ଏହି ବିବାଦର ଭୂମିକା ବିଚାର କର ?
ଖ. ନବଜାଗରଣରେ ଭାଷା ସୁରକ୍ଷା ଆନ୍ଦୋଳନର ଭୂମିକା ଉଲ୍ଲେଖ କର ।
ଗ. ସତ୍ୟବାଦୀ ସାହିତ୍ୟର ପୃଷ୍ଠଭୂମି ସଂପର୍କରେ ଆଲୋଚନା କର।
ଘ. ସତ୍ୟବାଦୀ ସାହିତ୍ୟ ସୃଷ୍ଟିରେ ଗୋପବନ୍ଧୁଙ୍କର ଭୂମିକା ଆକଳନ କର ?
ଙ. ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ପ୍ରକୃତିର ବୈଶିଷ୍ଟ୍ୟ ବର୍ଣ୍ଣନା କର ।
ଚ. ଫକୀର ମୋହନ ସେନାପତିଙ୍କ କଥା ସାହିତ୍ୟର ପରିଚୟ ପ୍ରଦାନ କର ।
ଛ. ମଧୁସୂଦନ ରାଓଙ୍କ ପ୍ରବନ୍ଧ ସାହିତ୍ୟ ବୈଶିଷ୍ଟ୍ୟଗୁଡିକ ଆଲୋଚନା କର ।
ଜ. କାମପାଳ ମିଶ୍ରଙ୍କ ନାଟ୍ୟ ସାହିତ୍ୟର ପରିଚୟ ଦିଅ ।
ଝ. ବିଶ୍ୱନାଥ କରଙ୍କ ପ୍ରବନ୍ଧ ସାହିତ୍ୟର ପରିଚୟ ପ୍ରଦାନ କର ।
ଞ. ଜଗନ୍ମୋହନ ଲାଲ୍‌ଙ୍କ ନାଟକ ଉପରେ ଆଲୋକପାତ କର ।

**ଘ- ବିଭାଗ**

**୪ଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦରେ ପ୍ରଦାନ କର ।** **( ୪x ୮)**

୪. କ. ଉନବିଂଶ ଶତାବ୍ଦୀରେ ନବଜାଗଣ କ୍ଷେତ୍ରରେ ପତ୍ରପତ୍ରିକାମାନଙ୍କ ଭୂମିକା ନିର୍ଦ୍ଧାରଣ କର ।
ଖ. ଓଡ଼ିଆ ପାଠ୍ୟପୁସ୍ତକ ପ୍ରକାଶନ ସଂପର୍କରେ ଆଲୋଚନା କର ।
ଗ. ରାଧାନାଥ ରାୟଙ୍କ କାବ୍ୟ-ଦୃଷ୍ଟି ଆକଳନ କର ।
ଘ. ସତ୍ୟବାଦୀ ସାହିତ୍ୟର ବୈଶିଷ୍ଟ୍ୟ ବିଚାର କର ।
ଙ. ରାମଶଙ୍କର ରାୟଙ୍କ ନାଟ୍ୟକୃତିମାନଙ୍କର ପରିଚୟ ପ୍ରଦାନ କର।

****************************

**Year : DECEMBER,2025** — ପୂର୍ଣ୍ଣସଂଖ୍ୟା – ୧୦୦

**Sub : Core-VI (ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ : ସବୁଜ, ପ୍ରଗତିବାଦୀ ଧାରା ଓ ସ୍ୱାଧୀନତା ପରବର୍ତ୍ତୀକାଳ (୨୦୦ପର୍ଯ୍ୟନ୍ତ)** — ସମୟ – ୩ ଘଣ୍ଟା

**ନଂ.୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖ ।** **(୧x୧୦=୧୦)**

କ) 'ସବୁଜ ସାହିତ୍ୟ ସମିତି'ର ମୁଖପତ୍ର ଭାବେ କେଉଁ ପତ୍ରିକା ପ୍ରକାଶ ପାଉଥିଲା ?

ଖ) ସବୁଜ ଆନ୍ଦୋଳନକୁ ହିନ୍ଦୀ ସାହିତ୍ୟରେ କେଉଁ ଯୁଗ ବୋଲି କହନ୍ତି ?

ଗ) କିଏ 'ନବଯୁଗ ସାହିତ୍ୟ ସଂସଦ' ପ୍ରବନ୍ଧ ରଚନା କରିଥିଲେ ?

ଘ) .............ମସିହାରେ ପ୍ରଥମେ 'ଆଧୁନିକ' ପତ୍ରିକା ଆତ୍ମପ୍ରକାଶ କରିଥିଲା ?

ଙ) 'The Waste Land' କବିତାର କବି କିଏ ?

ଚ) ନାଟ୍ୟକାର ଜଗନ୍ମୋହନ ଲାଲା ନିଜ ଗ୍ରାମରେ କେଉଁ ରଙ୍ଗମଂଚ ପ୍ରତିଷ୍ଠା କରିଥିଲେ ?

ଛ) ଓଡ଼ିଆ ସାହିତ୍ୟର ପ୍ରଥମ ମୌଳିକ ଉପନ୍ୟାସର ନାମ ଲେଖ ?

ଜ) ଯୌଥ ଉପନ୍ୟାସ 'ବାସନ୍ତୀ'ର ପରିଚ୍ଛେଦ ସଂଖ୍ୟା କେତେ ?

ଝ) 'ଠାକୁର ଘର' ଗଳ୍ପର ଗାଳ୍ପିକ କିଏ ?

ଞ) ଡକ୍ଟର ମାୟାଧର ମାନସିଂହଙ୍କର ଏକ ପ୍ରବନ୍ଧ ପୁସ୍ତକର ନାମୋଲ୍ଲେଖ କର ?

**ନଂ.୨. ୫୦ଟି ଶବ୍ଦ ମଧ୍ୟରେ ପ୍ରଶ୍ନର ଉତ୍ତର ଲେଖ ।** **(୨x୯=୧୮)**

କ) କେଉଁମାନଙ୍କୁ ସବୁଜ ଯୁଗର ପଂଚସଖା ବୋଲି କୁହାଯାଏ ?

ଖ) 'ବାସନ୍ତୀ' ଉପନ୍ୟାସଟି କେଉଁ ପତ୍ରିକାରେ ଧାରାବାହିକ ଭାବେ କେତେ ମସିହା ପର୍ଯ୍ୟନ୍ତ ପ୍ରକାଶ ପାଇଥିଲା ?

ଗ) 'ନଗଯୁଗ ସାହିତ୍ୟ ସଂସଦ' କେବେ ପ୍ରତିଷ୍ଠା ହୋଇଥିଲା ? ଏହାର ପ୍ରାଣ ପ୍ରତିଷ୍ଠାତା କିଏ ?

ଘ) କବି ଅନନ୍ତ ପଟ୍ଟନାୟକଙ୍କ ଦୁଇଟି କବିତା ସଂକଳନର ନାମ ଲେଖ ?

ଙ) ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ଭଗୀରଥ କିଏ ? ତାଙ୍କ କେଉଁ ନାଟକରୁ ଓଡ଼ିଶାରେ ଏହି ଆନ୍ଦୋଳନର ଭିତ୍ତି ସ୍ଥାପିତ ହୋଇଥିଲା ?

ଚ) ମହାପାତ୍ର ନୀଳମଣି ସାହୁଙ୍କ ଆଧ୍ୟାତ୍ମବାଦ ଥିବା ଦୁଇଟି ଗଳ୍ପଗ୍ରନ୍ଥର ନାମ ଲେଖ ।

ଛ) କେଉଁ ଉପନ୍ୟାସ ପାଇଁ କେବେ ଗୋପୀନାଥ ମହାନ୍ତି ଜ୍ଞାନପୀଠ ପୁରସ୍କାର ଲାଭ କରିଥିଲେ ?

ଜ) ସ୍ୱାଧୀନତା ପରବର୍ତ୍ତୀ କାଳର ଓଡ଼ିଆ ପ୍ରାବନ୍ଧିକଙ୍କ ମଧ୍ୟରୁ ଚନ୍ଦ୍ରଶେଖର ରଥଙ୍କ ଦୁଇଟି ପ୍ରବନ୍ଧ ଗ୍ରନ୍ଥର ନାମୋଲ୍ଲେଖ କର ।

ଝ) ସ୍ୱାଧୀନୋତ୍ତର ଓଡ଼ିଆ ସମାଲୋଚନା ସାହିତ୍ୟକୁ ଅଧ୍ୟାପକ ଚିନ୍ତାମଣି ବେହେରାଙ୍କ ପ୍ରମୁଖ ସମାଲୋଚନା ପୁସ୍ତକଦ୍ୱୟର ନାମ ଲେଖ ?

**ନଂ.୩. ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ୨୫୦ଟି ଶବ୍ଦ ମଧ୍ୟରେ ଲେଖ ।** **(୫x୮=୪୦)**

କ) ସବୁଜ ସାହିତ୍ୟର ପୃଷ୍ଠଭୂମି ସମ୍ପର୍କରେ ସମ୍ୟକ ଆଲୋଚନା କର ।

ଖ) ସବୁଜ ସାହିତ୍ୟରେ ରହସ୍ୟବୋଧ – ସଂକ୍ଷେପରେ ଉତ୍ତର ଦିଅ ।

ଗ) "ଗଣଚେତନା ସୃଷ୍ଟି କରିବା ପ୍ରଗତିବାଦୀ କାବ୍ୟ ଚେତନାର ଅନ୍ତଃସ୍ୱର"- ଉକ୍ତିଟିର ଯଥାର୍ଥ୍ୟ ସଂକ୍ଷିପ୍ତରେ ପ୍ରଦାନ କର ।

ଘ) କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କବିତାରେ ସାମାଜିକ ଅଙ୍ଗୀକାରବଦ୍ଧତା ସମ୍ପର୍କରେ ଆଲୋକପାତ କର ।

ଙ) ଆଧୁନିକ କବିତାରେ ମୃତ୍ୟୁଚେତନାର ସ୍ୱରୂପ ନିର୍ଦ୍ଧାରଣ କର ।

ଚ) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକର ମୂଳ ସ୍ୱର ସଂପର୍କରେ ବିଶ୍ଳେଷଣ କର ।

ଛ) ଓଡ଼ିଆ ଗଳ୍ପରେ ସ୍ୱାଧୀନତାର ମୋହ ଭଙ୍ଗର ଚିତ୍ର କିପରି ଅଙ୍କିତ ଆଲୋଚନା କର ।

ଜ) ସ୍ୱାଧୀନତା ପରବର୍ତ୍ତୀ ପ୍ରବନ୍ଧ ଓ ସମାଲୋଚନା ଜଗତକୁ ଚିତ୍ତରଞ୍ଜନ ଦାସଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ସମ୍ବନ୍ଧରେ ସ୍ୱମତ ଉପସ୍ଥାପନ କର ।

ଝ) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟକୁ ସୁରେନ୍ଦ୍ର ମହାନ୍ତିଙ୍କ ଅବଦାନ ଚିରସ୍ମରଣୀୟ - ନିଜ ଦୃଷ୍ଟିକୋଣରୁ ସଂକ୍ଷେପରେ ବିଚାର କର ।

ଞ) କବି ସୀତାକାନ୍ତ ମହାପାତ୍ରଙ୍କ କାବ୍ୟିକ ଦର୍ଶନ ସଂପର୍କରେ ଆଲୋଚନା କର ।

**ନଂ.୪. ଯେକୌଣସି ଚାରୋଟି ପ୍ରଶ୍ନର ଦୀର୍ଘ ଉତ୍ତର ଲେଖ ।** **(୮x୪=୩୨)**

କ) ସବୁଜ ସାହିତ୍ୟର ବୈଶିଷ୍ଟ୍ୟ ସମ୍ପର୍କରେ ବିଶଦ ଆଲୋଚନା କର ।

ଖ) 'ଏକ ଶୋଷଣମୁକ୍ତ ସମାଜ ଗଠନ ହିଁ ପ୍ରଗତିବାଦୀ କାବ୍ୟଧାରାର ଅନ୍ତଃସ୍ୱର'- ଉକ୍ତିଟିର ସତ୍ୟତା ପ୍ରତିପାଦନ କର ।

ଗ) ମାଟି ମନସ୍କତା ହିଁ ଉତ୍ତର ଆଧୁନିକତାର ମୂଳସ୍ୱର – ସ୍ୱମତ ଉପସ୍ଥାପନ କର ।

ଘ) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକର ପରୀକ୍ଷା ଓ ପ୍ରୟୋଗଧର୍ମିତା ସମ୍ପର୍କରେ ଆଲୋଚନା କର ।

ଙ) କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ କ୍ଷୁଦ୍ରଗଳ୍ପ କିମ୍ବା ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର ମହତ୍ତ୍ୱ ବିଚାର କର ।

–୦–

+3 SEM-III(NEP)
ODI-C-1P-7(R)(MAJ)

**Year : DECEMBER,2025** **ପୂର୍ଣ୍ଣସଂଖ୍ୟା – ୧୦୦**

**Sub : Core-VII (ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିତା)** **ସମୟ – ୩ ଘଣ୍ଟା**

**ନଂ.୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖ ।** **(୧x୧୦=୧୦)**

କ) 'କାୟାତରୁ ଚର୍ଯ୍ୟା' ଗୀତିକାଟି କେଉଁ ରାଗରେ ରଚିତ ?

ଖ) ଅବଧୂତୀ ମାର୍ଗ କାହିଁକି ରୁଦ୍ଧ ହେଲା ?

ଗ) 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ' କବିତା ସାରଳା ମହାଭାରତର ............... ପର୍ବରୁ ଗୃହୀତ ।

କ) ସଭାପର୍ବ ଖ) କାଇଁଶିକା ପର୍ବ ଗ) ବନପର୍ବ ଘ) ଗଦାପର୍ବ

ଘ) ମଧୁର ............... ବଚନ । ଶୁଣି ହରଷ ସର୍ବଜନ । (ଶୂନ୍ୟସ୍ଥାନ ପୂରଣ କର)

ଙ) ଭ୍ରମରଠାରୁ କି ଶିକ୍ଷା ପାଇଛନ୍ତି ଅବଧୂତ ସ୍ୱାମୀ ?

ଚ) 'କେଶୀମନ୍ଥନ' କହିଲେ କାହାକୁ ବୁଝାଏ ?

ଛ) 'ସମବର୍ତ୍ତୀପଣ'ର ଅର୍ଥ କ'ଣ ?

ଜ) କିଏ ଦୂତଭାବେ ଆସି କୃଷ୍ଣଙ୍କୁ ଯାତ୍ରା ଆଳରେ ଠକି ନେଇଗଲା ବୋଲି ଯଶୋଦା ଭାବିଛନ୍ତି ?

ଝ) 'କଳାକଳେବର ଚଉତିଶା' ବ୍ୟତୀତ ଆଉ କେଉଁ ଚଉତିଶା ଲେଖିଛନ୍ତି କବି ଭକ୍ତଚରଣ ଦାସ ?

ଞ) ଶିରୀଷଦେହା କିଏ ?

**ନଂ.୨. ୫୦ଟି ଶବ୍ଦ ମଧ୍ୟରେ ପ୍ରଶ୍ନର ଉତ୍ତର ଲେଖ ।** **(୨x୯=୧୮)**

କ) ଲୁଇପା ଧ୍ୟାନ ବଳରେ କ'ଣ ଦେଖିବାକୁ କହିଛନ୍ତି ?

ଖ) ପରମ ଆନନ୍ଦମୟ ମହାସୁଖର ସନ୍ଧାନ କାହ୍ନୁପା କେଉଁଠାରେ ପାଇଛନ୍ତି ?

ଗ) ଲକ୍ଷ୍ମଣ କୁମାରର ଶବ କାଦୁଅ ଓ ରକ୍ତରେ ପଡ଼ିବା ଦେଖି ଦୁର୍ଯ୍ୟୋଧନର ପିତୃ ହୃଦୟ କାହିଁକି ବିଳାପ କରି ଉଠିଛି ?

ଘ) ଋଷି ଅବଧୂତ ବ୍ରାହ୍ମଣ କୁମାରୀଠାରୁ କେଉଁ ଶିକ୍ଷା ଲାଭ କରି ତାକୁ ଗୁରୁ ଭାବେ ଗ୍ରହଣ କରିଛନ୍ତି ?

ଙ) କେଉଁ ଋତୁରେ କେଉଁ ଫୁଲ ପରି ଗୋପୀର ଶରୀରରେ ପାଣ୍ଡୁରତା ଦେଖାଦେଇଛି ?

ଚ) ଶ୍ରୀକ୍ଷେତ୍ରରେ ଯମର ଅଧିକାର ନାହିଁ ବୋଲି କବି କାହିଁକି କହିଛନ୍ତି ?

ଛ) କିଏ ସପତ ଦିନ ମନ୍ଦର ଧରିଥିଲା ଓ କାହିଁକି ?

ଜ) କୃଷ୍ଣଙ୍କ ଅପୂର୍ବ ଲାବଣ୍ୟ ଦେଖି ଗୋପୀମାନେ କ'ଣ କ'ଣ ଭାବିଛନ୍ତି ?

ଝ) 'ଆନୀଳଶତପତ୍ରନେତ୍ରା' କହିଲେ କ'ଣ ବୁଝ ?

**ନଂ.୩. ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ୨୫୦ଟି ଶବ୍ଦ ମଧ୍ୟରେ ଲେଖ ।** **(୫x୮=୪୦)**

କ) ଶାଖାପତ୍ରର ଦ୍ରୁତ ସଂଚାଳନ ଫଳରେ ବୃକ୍ଷର କି କ୍ଷତି ଘଟିଥାଏ ?

ଖ) ଭବବନ୍ଧନରେ ପତନ ନିଶ୍ଚିତ ବୋଲି କାହ୍ନୁପା କାହିଁକି ଅନୁଭବ କରିଛନ୍ତି ?

ଗ) ଗୁରୁ ଦ୍ରୋଣଙ୍କର କେଉଁ ସବୁ ଗୁଣଗାରିମାକୁ ସ୍ମରଣ କରି ଦୁର୍ଯ୍ୟୋଧନ ବିଳାପ କରିଛି ?

ଘ) ଅବଧୂତ ସନ୍ନ୍ୟାସୀ କପୋତ ପକ୍ଷୀକୁ ଗୁରୁ କରିବାର ରହସ୍ୟ କ'ଣ ଥିଲା ?

ଙ) ଗୋପୀଙ୍କ ବିରହଦଶାର ଚିତ୍ର ପ୍ରଦାନ କର ?

ଚ) କବି କବିତ୍ୱ ଓ ଶାନ୍ତିଜଳକୁ ଏକ ବୋଲି କାହିଁକି କହିଛନ୍ତି ?

ଛ) କେବେ କାହିଁକି ଜଗନ୍ନାଥଙ୍କ ସେବକମାନେ ଉତ୍କଣ୍ଠିତ ଭାବରେ ମହାପ୍ରଭୁଙ୍କ ପାଖରେ ମିଳିତ ହୁଅନ୍ତି ?

ଜ) 'କେଶବ କୋଇଲି' ର ମର୍ମସ୍ୱର ସଂକ୍ଷିପ୍ତରେ ବର୍ଣ୍ଣନା କର ?

ଝ) କୃଷ୍ଣ ଓ ବଳରାମଙ୍କ ମଥୁରା ଗମନର ଦୃଶ୍ୟ ନିଜ ଭାଷାରେ ବ୍ୟାଖ୍ୟା କର ?

ଞ) 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ର 'ଘ' ଗୀତ ଆଧାରରେ ଲଳିତାର ଭୂମିକା ନିର୍ଣ୍ଣୟ କର ?

**ନଂ.୪. ଯେକୌଣସି ଚାରୋଟି ପ୍ରଶ୍ନର ଦୀର୍ଘ ଉତ୍ତର ଲେଖ ।** **(୮x୪=୩୨)**

କ) ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' ରୁ ଜନନୀ ଯଶୋଦାଙ୍କ ମାତୃହୃଦୟର ପରିଚୟ ପ୍ରଦାନ କର ।

ଖ) 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ପ୍ରଥମ ଛାନ୍ଦ ଅବଲମ୍ବନରେ କବିଙ୍କ କବିତ୍ୱ ଓ ପାଣ୍ଡିତ୍ୟ ସମ୍ପର୍କରେ ଆଲୋଚନା କର ।

ଗ) ଭାଗବତର 'ଚବିଶ ଗୁରୁ ପ୍ରସଙ୍ଗ'ରେ ବର୍ଣ୍ଣିତ ଗୁରୁବାଦର ମହତ୍ୱ ସମ୍ବନ୍ଧରେ ଆଲୋକପାତ କର ।

ଘ) "ଦୁର୍ଯ୍ୟୋଧନର ନିର୍ମଳ ପିତୃହୃଦୟର ମାର୍ମିକ ଅଭିବ୍ୟକ୍ତି ହେଉଛି 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ କବିତା'"- ଉକ୍ତିଟିର ଯଥାର୍ଥ୍ୟ ପ୍ରତିପାଦନ କର ।

ଙ) 'ବାଟଓଗାଳ ଚର୍ଯ୍ୟା' ଗୀତିକାର ଭାବାର୍ଥ ଦର୍ଶାଅ ।

-୦-

**+3 Sem-III(NEP)**
**ODI-C-2(P-2)Minor R**

**December,2025**

## (ସାହିତ୍ୟର ସ୍ୱରୂପ)

**ସମୟ : ୩ ଘଣ୍ଟା** **ପୂର୍ଣ୍ଣ ସଂଖ୍ୟା :୧୦୦**

### 'କ' ବିଭାଗ

**୧। ସମସ୍ତ ପ୍ରଶ୍ନର ଉତ୍ତର ଦିଅ।** **(୧×୧୦)**

କ) ମହାକାବ୍ୟରେ ସର୍ବନିମ୍ନ କେତୋଟି ସର୍ଗ ରହିବା ଆବଶ୍ୟକ ?
ଖ) ସନେଟ୍ ରେ କେତୋଟି ପାଦ ରହିଥାଏ ?
ଗ) ଓଡ଼ିଆ କ୍ଷୁଦ୍ରଗଳ୍ପର ଜନକ ବୋଲି କାହାକୁ କୁହାଯାଏ ?
ଘ) କଥାକାର ଦୟାନିଧି ମିଶ୍ର ମୁଖ୍ୟତଃ କେଉଁ ପ୍ରକାର କ୍ଷୁଦ୍ରଗଳ୍ପ ରଚନା କରିଛନ୍ତି ?
ଙ) 'ପଦ୍ମମାଳୀ' ଉପନ୍ୟାସର ରଚୟିତାଙ୍କ ନାମ ଲେଖ।
ଚ) କାହାକୁ ଦୃଶ୍ୟ-ଶ୍ରାବ୍ୟ କାବ୍ୟ ବୋଲି କୁହାଯାଏ ?
ଛ) ଏକାଙ୍କିକା କହିଲେ କ'ଣ ବୁଝ ?
ଜ) ପ୍ରବନ୍ଧ ଶବ୍ଦର ଅର୍ଥ ଲେଖ।
ଝ) 'ଉତ୍କଳ ଭ୍ରମଣଂ' ର ସ୍ରଷ୍ଟା କିଏ ?
ଞ) 'ଉତ୍କଳମଣି' ଜୀବନୀ ପୁସ୍ତକଟି କାହାର ରଚନା ?

### 'ଖ' ବିଭାଗ

**୨। ସମସ୍ତ ପ୍ରଶ୍ନର ଉତ୍ତର ଦିଅ।** **(୨×୯)**

କ) କାବ୍ୟର ସଂଜ୍ଞା ଲେଖ।
ଖ) କବିବର ରାଧାନାଥ ରାୟଙ୍କ ଦୁଇଗୋଟି କାବ୍ୟର ନାମ ଲେଖ।
ଗ) ସନେଟ୍ କାହାକୁ କୁହାଯାଏ ?
ଘ) କ୍ଷୁଦ୍ରଗଳ୍ପର ଏକ ସଂଜ୍ଞା ଉଲ୍ଲେଖ କର।
ଙ) ଐତିହାସିକ ଉପନ୍ୟାସ କହିଲେ କ'ଣ ବୁଝ ?
ଚ) ନାଟକ କେଉଁଠି ଓ କେଉଁମାନଙ୍କଦ୍ୱାରା ଅଭିନୀତ ହୁଏ ?
ଛ) ନାଟ୍ୟକାର ପ୍ରାଣବନ୍ଧୁ କରଙ୍କ ଦୁଇଟି ଏକାଙ୍କିକାର ନାମ ଲେଖ।
ଜ) ଭୁବନେଶ୍ୱର ବେହେରାଙ୍କ ଦୁଇଟି ରମ୍ୟରଚନାର ନାମୋଲ୍ଲେଖ କର।
ଝ) ହରେକୃଷ୍ଣ ମହତାବଙ୍କ ଆତ୍ମଜୀବନୀ ଦୁଇଖଣ୍ଡରେ ପ୍ରକାଶିତ। ସେ ଦୁଇଟିର ନାମ ଲେଖ।

### 'ଗ' ବିଭାଗ

**୩। ପ୍ରାୟ ୨୫୦ ଶବ୍ଦ ମଧ୍ୟରେ ଯେକୌଣସି ଆଠଗୋଟି ପ୍ରଶ୍ନର ଉତ୍ତର ଦିଅ।** **(୫×୮)**

କ) ମହାକାବ୍ୟର ସ୍ୱରୂପ ଉଲ୍ଲେଖ କର।
ଖ) ସ୍ୱଭାବକବି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ମହାକାବ୍ୟରୁ ମହାକାବ୍ୟର ଲକ୍ଷଣ ଦର୍ଶାଅ।
ଗ) ଗୀତିକବିତାର ସଂଜ୍ଞା ଲେଖି କେତେଗୋଟି ଗୀତିକବିତାର ଦୃଷ୍ଟାନ୍ତ ଦିଅ।
ଘ) ସଂମ୍ବୋଧନ ଗୀତିକାର ସ୍ୱରୂପ ଦର୍ଶାଅ।
ଙ) କ୍ଷୁଦ୍ରଗଳ୍ପର ଗଠନରୀତି ବିଷୟରେ ଆଲୋଚନା କର।
ଚ) କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ମଧ୍ୟରେ ପ୍ରଭେଦ କ'ଣ ?
ଛ) 'କାବ୍ୟେଷୁ ନାଟକଂ ରମ୍ୟମ୍' - ଏ ଉକ୍ତିଟିର ଯଥାର୍ଥତା ବିଚାର କର।
ଜ) ନାଟକ ଓ ଏକାଙ୍କିକା ମଧ୍ୟରେ ପାର୍ଥକ୍ୟ କ'ଣ ?
ଝ) ଭ୍ରମଣକାହାଣୀର ସଂଜ୍ଞା ଲେଖି ଓଡ଼ିଆ ଭାଷାର କେତୋଟି ଭ୍ରମଣକାହାଣୀ ପୁସ୍ତକର ନାମ ଲେଖ।
ଞ) ଜୀବନୀ ଓ ଆତ୍ମଜୀବନୀ ମଧ୍ୟରେ କ'ଣ ପ୍ରଭେଦ ରହିଛି, ଆଲୋଚନା କର।

**'ଘ' ବିଭାଗ**

**୪। ପ୍ରାୟ ୮୦୦ ଶବ୍ଦ ମଧ୍ୟରେ ଯେକୌଣସି ଚାରିଗୋଟି ପ୍ରଶ୍ନର ଉତ୍ତର ଦିଅ।** **(୮×୪)**

କ) ଗାଥାକବିତାର ସଂଜ୍ଞା ଓ ସ୍ୱରୂପ ଦର୍ଶାଅ।

ଖ) କ୍ଷୁଦ୍ରଗଳ୍ପର ସ୍ୱରୂପ ଓ ପ୍ରକାରଭେଦ ଉପରେ ଆଲୋକପାତ କର।

ଗ) ଉପନ୍ୟାସର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଆଲୋଚନା କର।

ଘ) ନାଟକର ସ୍ୱରୂପ ଓ ପ୍ରକାରଭେଦ ଦର୍ଶାଅ।

ଙ) ପ୍ରବନ୍ଧ ଓ ରମ୍ୟରଚନାର ସଂଜ୍ଞା ଓ ସ୍ୱରୂପ ଆଲୋଚନା କର।

*************************